# ସବୁଜ ଗିରି
SABUJA GIRI

ଭାକୃଅନୁପ ICAR

KRISHI VIGYAN KENDRA, GAJAPATI
କୃଷି ବିଜ୍ଞାନ କେନ୍ଦ୍ର, ଗଜପତି


ATARI KOLKATA ZONE V

2025010416

ODISHA UNIVERSITY OF AGRICULTURE & TECHNOLOGY, BHUBANESWAR
ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
Indian Council of Agricultural Research, New Delhi
ଭାରତୀୟ କୃଷି ଅନୁସନ୍ଧାନ ପରିଷଦ, ନୂଆଦିଲ୍ଲୀ

ବିଂଶ ବର୍ଷ | ସଂଖ୍ୟା - ୩ | ଓ.ୟୁ.ଏ.ଟି ପ୍ରକାଶନ ସଂଖ୍ୟା: ୨୦୨୫୦୧୦୪୧୬ | ଅକ୍ଟୋବର-ଡିସେମ୍ବର, ୨୦୨୪

## ସଂପ୍ରସାରଣ ଶିକ୍ଷା ଅଧ୍ୟକ୍ଷକଙ୍କ ବାର୍ତ୍ତା



କୃଷି ଓ କୃଷକଙ୍କ ପ୍ରଗତି ନିମନ୍ତେ ଗବେଷଣାଲବ୍ଧ ନୂତନ ଜ୍ଞାନକୌଶଳର ପ୍ରସାର ପାଇଁ କୃଷି ବିଜ୍ଞାନ କେନ୍ଦ୍ର ସଦାସର୍ବଦା କାର୍ଯ୍ୟ କରିଆସୁଛି । ଏଥି ମଧ୍ୟରେ ଆଦିବାସୀ ଅଧ୍ୟଷିତ ଗଜପତି ଜିଲ୍ଲାର ପ୍ରଥମ କୃଷି ବିଜ୍ଞାନ କେନ୍ଦ୍ର ରା.ଉଦୟଗିରିରେ ୨୦୦୫ ମସିହାରୁ କାର୍ଯ୍ୟକରି ଦୀର୍ଘ ୨୦ ବର୍ଷର ଏହି ପଥରେ ଅନେକ ଉତ୍କର୍ଷତା ପ୍ରତିପାଦିତ କରିପାରିଛି । ଉନ୍ନତ ପ୍ରଣାଳୀର ଚାଷ ପଦ୍ଧତି, ନୂତନ ଜ୍ଞାନକୌଶଳ, ନୂତନ କୃଷି ଯନ୍ତ୍ରପାତି ଇତ୍ୟାଦିର କ୍ଷେତ୍ର ପ୍ରଦର୍ଶନୀ, କ୍ଷେତ୍ର ପରୀକ୍ଷଣ ତଥା ତାଲିମ୍ ଶିକ୍ଷା ପ୍ରଦାନ ଦ୍ୱାରା କୃଷି ବିଜ୍ଞାନ କେନ୍ଦ୍ର ଅନବରତ ଚାଷୀ ଭାଇଭଉଣୀମାନଙ୍କର ହିତ ସାଧନରେ ତତ୍ପର ରହିଛି । କୃଷକ ମେଳା, କୃଷିଭିତ୍ତିକ ପ୍ରଦର୍ଶନୀ, କୃଷକ-ବୈଜ୍ଞାନିକ ଆଲୋଚନା ଚକ୍ର ଏବଂ ବୈଷୟିକ ସପ୍ତାହ ପାଳନ ଆଦି ବିଭିନ୍ନ ସମୟରେ କରାଯାଉଛି । ବିଶେଷକରି କୃଷି ଓ ଆନୁସଙ୍ଗିକ କୃଷି କ୍ଷେତ୍ରରେ ବିଭିନ୍ନ ବିଭାଗ ମୁଖ୍ୟତଃ ପାକଶାଳା ବଗିଚା, ଜୈବିକ କୃଷି, ପନିପରିବା ଚାରା ଉତ୍ପାଦନ, କୁକୁଡା ପାଳନ, କୃଷି ଯାନ୍ତ୍ରିକରଣ, ଉନ୍ନତମାନର ଫଳ ଚାରା ଉତ୍ପାଦନ, ଜିଆଖତ, ଆଜୋଲା ଚାଷ, ମହୁମାଛି ପାଳନ, କୃଷକ ଉତ୍ପାଦକ ସଂଗଠନ ମାଧ୍ୟମରେ ମାଣ୍ଡିଆ, ସୁଆଁ, ବାଜରା ଆଦି କ୍ଷୁଦ୍ର ଶସ୍ୟର ବିଭିନ୍ନ ମୂଲ୍ୟଯୁକ୍ତ ଉତ୍ପାଦ ପ୍ରସ୍ତୁତି କ୍ଷେତ୍ରରେ ପାରଦର୍ଶିତା ପ୍ରଦର୍ଶନ କରିପାରିଛି । ମୁଖ୍ୟତଃ ଚାଷୀ ଭାଇଭଉଣୀମାନଙ୍କ ଆୟ ବୃଦ୍ଧି ଲକ୍ଷ୍ୟ ସହିତ ସମନ୍ୱିତ ଜ୍ଞାନକୌଶଳର ପ୍ରୟୋଗ ପାଇଁ ନୂତନ ସମ୍ପ୍ରସାରଣ ପଦ୍ଧତିକୁ ଅବଲମ୍ବନ କରି ଚାଷୀ ଭାଇଭଉଣୀମାନଙ୍କ ପାଖରେ ପହଞ୍ଚିବାରେ ଏହି କେନ୍ଦ୍ର ସକ୍ଷମ ହୋଇପାରିଛି । ଜଳବାୟୁ ପରିବର୍ତ୍ତନ ସହନଶୀଳ କୃଷିର ପ୍ରଚାର ଏବଂ ପ୍ରସାର, କୃଷକ ସଚେତନତା କାର୍ଯ୍ୟକ୍ରମ ଏବଂ ୱାଟସଆପ୍ ଗ୍ରୁପ୍ ମାଧ୍ୟମରେ ପାଣିପାଗ ସମ୍ବନ୍ଧିତ କୃଷି ପାରାମର୍ଶ ଏବଂ ସରକାରଙ୍କ ବିଭନ୍ନ ଲୋକପ୍ରିୟ ଯୋଜନାକୁ ଚାଷୀ ଭାଇଭଉଣୀମାନଙ୍କ ନିକଟରେ ପହଞ୍ଚାଇ କୃଷି ବିଜ୍ଞାନ କେନ୍ଦ୍ର ବେଶ୍ ଲୋକପ୍ରିୟତା ହାସଲ କରିପାରିଛି । ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ୩୧ ଗୋଟି କୃଷି ବିଜ୍ଞାନ କେନ୍ଦ୍ର ମଧ୍ୟରେ ଗଜପତିର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ଏବେ ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ଏହି କେନ୍ଦ୍ରର ଅନେକ ଆଧୁନୀକିକରଣ ଏବଂ ନୂତନ ପ୍ରଦର୍ଶନ କେନ୍ଦ୍ରର ସ୍ଥାପନ ହେବାକୁ ଯାଉଥିବାରୁ ଚାଷୀ ଭାଇଭଉଣୀମାନଙ୍କୁ ଏଥିରୁ ଅନେକ ସୂଚନା ଏବଂ ସୁଫଳ ମିଳିପାରିବା ସହିତ ସେମାନଙ୍କ ଆକାଂକ୍ଷାକୁ ଚରିତାର୍ଥ କରିବାରେ ସଫଳ ହେବ ବୋଲି ଆଶା କରାଯାଏ । ଏହି ଅବସରରେ କୃଷି ବିଜ୍ଞାନ କେନ୍ଦ୍ରର ସଫଳତାର ସୂତ୍ରକୁ ନେଇ ପତ୍ରିକା "ସବୁଜଗିରି"ର ବିଂଶତମ ପ୍ରତିବେଦନର ପ୍ରକାଶନ ଉପଲକ୍ଷେ କେନ୍ଦ୍ର ପାଇଁ ଅନେକ ସାଧୁବାଦ ଏବଂ ଚାଷୀ ଭାଇଭଉଣୀମାନଙ୍କର ବିକାଶ କାମନା କରୁଛି ।

ଅଧ୍ୟକ୍ଷ, ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ

## ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟଙ୍କ ବାର୍ତ୍ତା



ଆଦିବାସୀ ଅଧ୍ୟୁଷିତ ଗଜପତି ଜିଲ୍ଲାର ବହୁବିଧ କୃଷି ପରିସ୍ଥିତିକୁ ଆଧାର କରି ଜିଲ୍ଲାର ଚାଷୀ ଭାଇଭଉଣୀ ଓ କୃଷି ଉଦ୍ୟୋଗୀ ମାନଙ୍କର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଅନବରତ କାର୍ଯ୍ୟ କରି କୃଷି ବିଜ୍ଞାନ କେନ୍ଦ୍ର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଚାଷୀ ଭାଇଭଉଣୀ ମାନଙ୍କର ବିଭିନ୍ନ ସମସ୍ୟା, ଆଗ୍ରହ ଓ ସମ୍ବଳକୁ ଦୃଷ୍ଟିରେ ରଖି ନୂତନ ଜ୍ଞାନକୌଶଳ, ତାଲିମ୍, କ୍ଷେତ୍ର ପ୍ରଦର୍ଶନ, କ୍ଷେତ୍ର ପରୀକ୍ଷଣ, କୃଷକ ସଚେତନତା କାର୍ଯ୍ୟକ୍ରମ, କୃଷକ-ବୈଜ୍ଞାନିକ ଆଲୋଚନାଚକ୍ର ଆଦି ନିରନ୍ତର ଭାବରେ କରାଯାଉଛି । ଏହି କେନ୍ଦ୍ର ପରିସରରେ ଥିବା ବିଭିନ୍ନ ପ୍ରଦର୍ଶନ ୟୁନିଟ୍ ଦ୍ୱାରା ଚାଷୀ ଭାଇଭଉଣୀମାନେ କିଭଳି ଭାବରେ ଆତ୍ମନିର୍ଭରଶୀଳ ହେବା ସହ ପ୍ରାକୃତିକ କୃଷି କରି ନିଜ ଶରୀର ଆଉ ପରିବେଶକୁ କିପରି ସୁରକ୍ଷିତ ରଖିବେ ସେ ଦିଗରେ ଆମେମାନେ ସଦାସର୍ବଦା ଚେଷ୍ଟିତ । ଜଳବାୟୁ ସହନଶୀଳ କୃଷିକୁ ଆପଣେଇବା, ବନୀକରଣ, ପାରମ୍ପରିକ କୃଷି ପଦ୍ଧତିକୁ ଦୂରେଇ ବୈଜ୍ଞାନିକ ପ୍ରଣାଳୀରେ କୃଷି କାର୍ଯ୍ୟ କରିବା, ଧାନ ଚାଷ ଅପେକ୍ଷା ଅଣାଧାନ ଚାଷକୁ ପ୍ରାଧାନ୍ୟ, କ୍ଷୁଦ୍ରଶସ୍ୟର ପ୍ରଚାର ପ୍ରସାର, ଶ୍ରମ ଲାଘବ ଯନ୍ତ୍ରପାତି ସହାୟତାରେ କମ୍ ଖର୍ଚ୍ଚରେ କମ୍ ସମୟରେ ଅଧିକ ଅମଳ କରିବା ଆଦି କାର୍ଯ୍ୟକ୍ରମ କରି ଏହି କେନ୍ଦ୍ର ବିଭିନ୍ନ ମହଲରେ ସମସ୍ତଙ୍କ ପ୍ରଶଂସାର ପାତ୍ର ପାଲଟିଛି । ଏତଦ୍ ବ୍ୟତୀତ ଜିଲ୍ଲାର କୃଷକ ଉତ୍ପାଦକ ସଂଗଠନର ସଦସ୍ୟ ମାନଙ୍କୁ ବିଭିନ୍ନ ଉତ୍ପାଦର ପ୍ରସ୍ତୁତି, ପ୍ୟାକେଜିଂ, ବଜାରୀକରଣ ଆଦି ଉପରେ ତାଲିମ୍ ଦେବାସହ ତଦ୍ୱାରା ସେମାଙ୍କର ଆୟ ବୃଦ୍ଧି କରାଇ ପାରିବା ସତରେ ବହୁତ୍ ବହୁତ୍ ପ୍ରଶଂସାଯୋଗ୍ୟ । ସବୁଜଗିରିର ବିଂଶତମ ବର୍ଷର ତୃତୀୟ ସଂସ୍କରଣର ପ୍ରକାଶନରେ ମୁଁ ଅତ୍ୟନ୍ତ ଖୁସି ହେବା ସହିତ ଏହି ପତ୍ରିକା ଚାଷୀ ଭାଇଭଉଣୀମାନଙ୍କୁ ଚାଷ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟାର ସମାଧାନରେ ନୂତନ ଦିଗ୍ ଦର୍ଶନ ଦେଖାଇବା ବୋଲି ମୋର ଦୃଢ ଆଶା ଓ ବିଶ୍ୱାସ । ସବୁଜଗିରି ପତ୍ରିକାର ସଫଳ ପ୍ରକାଶନ ନିମନ୍ତେ ମୋର ହାର୍ଦ୍ଦିକ ଶୁଭେଚ୍ଛା ଏବଂ ଏହା କୃଷିର ଉନ୍ନତିରେ ଗଜପତି ଜିଲ୍ଲାପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ମୋର ଆଶା ଓ ବିଶ୍ୱାସ ।

ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

କୃଷି ବିଜ୍ଞାନ କେନ୍ଦ୍ର, ଗଜପତି



## ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି ଯୋଜନା





ଭାରତର କ୍ଷୁଦ୍ର ଓ ନାମମାତ୍ର କୃଷକମାନଙ୍କୁ ଆର୍ଥିକ ସହାୟତା ଯୋଗାଇବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ କିଷାନ (ପି.ଏମ୍. କିଷାନ) ସମ୍ମାନନିଧି ଯୋଜନା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଯୋଗ୍ୟ କୃଷକମାନେ ବାର୍ଷିକ ୬୦୦୦ ଟଙ୍କା ପାଆନ୍ତି ଯାହାକି ସିଧାସଳଖ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସ୍ଥାନାନ୍ତରିତ ହୋଇଥାଏ । ବାର୍ଷିକ ୬୦୦୦ ଟଙ୍କା, ତିନୋଟି କିସ୍ତିରେ ୨୦୦୦ ଟଙ୍କା ବଣ୍ଟନ କରାଯାଇଥାଏ । ଚଳିତ ବର୍ଷ ଅକ୍ଟୋବର ମାସ ୦୫ ତାରିଖରେ ମହାରାଷ୍ଟ୍ର ରାଜ୍ୟର ୱାଶିମ ଜିଲ୍ଲାର ୱାଇଗଉଲ ଠାରେ ଏକ ସଭାରେ ପ୍ରଧାନମନ୍ତ୍ରୀ ଅଷ୍ଟଦଶତମ କିସ୍ତିର ହସ୍ତାନ୍ତରୀକରଣ କରିଥିଲେ । ଏହି କାର୍ଯ୍ୟକ୍ରମର ସିଧାପ୍ରସାରଣ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଆୟୋଜନ କରାଯାଇ ପ୍ରାୟ ୫୦ ଜଣ ଚାଷୀ ଭାଇଭଉଣୀମାନଙ୍କୁ ଏହି ଯୋଜନା ବିଷୟରେ ଗୁରୁତ୍ୱାରୋପ କରାଯାଇଥିଲା ।

## ମହିଳା କିଷାନ ଦିବସ




କୃଷି କାର୍ଯ୍ୟ କରି ପରିବାର ଭରଣପୋଷଣ କରିବା ସହିତ ସମାଜର ଆର୍ଥିକ ବିକାଶ କରିବାରେ ମହିଳାଙ୍କର ସର୍ବାଧିକ ଅବଦାନ ରହିଥାଏ । କୃଷି କାର୍ଯ୍ୟରେ ମହିଳାମାନଙ୍କର ଗୁରୁତ୍ୱକୁ ଉପଲବ୍ଧି କରିବା ନିମନ୍ତେ ପ୍ରତିବର୍ଷ ଅକ୍ଟୋବର ମାସ ୧୫ ତାରିଖ ଦିନ ମହିଳା କିଷାନ ଦିବସ ପାଳନ କରାଯାଏ । ଚଳିତ ବର୍ଷ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଏହି ଦିବସଟି ପାଳନ କରାଯାଇଥିଲା । ଏଥିରେ ବିଭିନ୍ନ ଗ୍ରାମରୁ ୫୦ ରୁ ଉର୍ଦ୍ଧ୍ୱ ମହିଳା ଚାଷୀ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମହିଳାଙ୍କ ଉପଯୋଗୀ କୃଷି ପ୍ରଣାଳୀ, ନୂତନ ଜ୍ଞାନକୌଶଳ ଉପଯୋଗ କରି ମହିଳାମାନେ ନିଜର ଆୟ କିପରି ଦ୍ୱିଗୁଣିତ କରିପାରିବେ ସେସମ୍ପର୍କରେ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଚାରା ବଣ୍ଟନ କରାଯାଇଥିଲା ।

## ବିଶ୍ୱ ଖାଦ୍ୟ ଦିବସ




ପ୍ରତିବର୍ଷ ଅକ୍ଟୋବର ୧୬ ତାରିଖ ହେଉଛି ଜାତିସଂଘ ଅଧିନସ୍ଥ ଖାଦ୍ୟ ଓ କୃଷି ସଂଗଠନର ପ୍ରତିଷ୍ଠା ଦିବସ । ପ୍ରତିବର୍ଷ ଅକ୍ଟୋବର ୧୬ ତାରିଖରେ ବିଶ୍ୱବ୍ୟାପୀ ଖାଦ୍ୟ ଦିବସ ପାଳନ କରାଯାଉଅଛି । ଏହି ବର୍ଷ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଏହି ଦିବସଟି ପାଳନ କରାଯାଇଥିଲା । ଉତ୍ପାଦନ ବୃଦ୍ଧି ସହିତ ଖାଦ୍ୟର ସଦୁପଯୋଗ କରିବା ସହ ବଳକା ଖାଦ୍ୟକୁ ନଷ୍ଟ ନ କରି ଭୋକିଲା ଲୋକଙ୍କ ପାଟିରେ ଦେଇ ମହାନ୍ କାର୍ଯ୍ୟ କରିବା ଉଚିତ୍ ବୋଲି ନିଜର ଅଭିଭାଷଣ ମାଧ୍ୟମରେ କେନ୍ଦ୍ରର ମୁଖ୍ୟ ଡ. ସଂଗ୍ରାମ ପରମଗୁରୁ ଉପସ୍ଥିତ ଚାଷୀ ଭାଇଭଉଣୀମାନଙ୍କୁ ଗୁରୁତ୍ୱାରୋପ କରିଥିଲେ ।

## ଭିଜିଲାନ୍ସ ସଚେତନତା ସପ୍ତାହ



ରା.ଉଦୟଗିରିସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ଚଳିତ ବର୍ଷ ଅକ୍ଟୋବର ୨୮ ତାରିଖ ଠାରୁ ନଭେମ୍ବର ୦୨ ତାରିଖ ପର୍ଯ୍ୟନ୍ତ ଭିଜିଲାନ୍ସ ବା ଜାଗୃକତା ସଚେତନତା ସପ୍ତାହ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ପାଳନ କରଯାଇଥିଲା । ଏହି ଅବସରରେ ସାଧୁତା ବା ସଚ୍ଚୋଟତା- ଏକ ଜୀବନଶୈଳୀ ଶୀର୍ଷକ ବିଷୟରେ କୃଷି ବିଜ୍ଞାନ କେନ୍ଦ୍ରର

ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ସଂଗ୍ରାମ ପରମଗୁରୁ ଏବଂ ଅନ୍ୟାନ୍ୟ ବୈଜ୍ଞାନିକଗଣ ତଥା ସମସ୍ତ କର୍ମକର୍ତ୍ତା ସଚ୍ଚୋଟତାର ଶପଥପାଠ କରିଥିଲେ ।

କୃଷି ବିଜ୍ଞାନ କେନ୍ଦ୍ର, ଗଜପତି


## ବିଶ୍ୱ ମୃତ୍ତିକା ଦିବସ



କୃଷି କାର୍ଯ୍ୟର ମୂଳ ଉପାଦାନ ହେଉଛି ମାଟି । ମାଟି ଉର୍ବର ଥିଲେ ଫସଲ ଭଲ ହୁଏ, ନଚେତ୍ ଯେତେ ପରିଶ୍ରମ କଲେ ବି ମାଟିର ମାନ ଭଲ ନ ଥିଲେ ଫସଲ ଅମଳ ଭଲ ହୋଇନଥାଏ । ବର୍ତ୍ତମାନ ସମୟରେ କମ୍ ପରିଶ୍ରମରେ ଅଧିକ ଅମଳ ପାଇବା ଲୋଭରେ ଚାଷୀମାନେ ଅଧିକ ରାସାୟନିକ ସାର ବ୍ୟବହାର କରିବା ଫଳରେ ମାଟିର ମାନ ଧୀରେ ଧୀରେ ହ୍ରାସ ପାଉଛି । ମାଟିର ମହତ୍ତ୍ୱ ଓ ତାହାର ରକ୍ଷଣାବେକ୍ଷଣ ସମ୍ପର୍କରେ ଚାଷୀମାନଙ୍କୁ ଅବଗତ କରାଇବା ନିମନ୍ତେ ଚଳିତବର୍ଷ ଡିସେମ୍ବର ୫ ତାରିଖ ଦିନ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ, ପାରଳାଖେମୁଣ୍ଡି, ଗଜପତି ଠାରେ ଜିଲ୍ଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ମୃତ୍ତିକା ଏବଂ ଜଳ ସଂରକ୍ଷଣ ବିଭାଗର ମୁଖ୍ୟ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ, ଜିଲ୍ଲା ଉଦ୍ୟାନ ବିଭାଗର ମୁଖ୍ୟ, ଅନ୍ୟାନ୍ୟ ବିଭାଗର କର୍ମକର୍ତ୍ତା ଏବଂ ଜିଲ୍ଲାର ଚାଷୀ ଭାଇଭଉଣୀ ମାନେ ଯୋଗ ଦେଇଥିଲେ । ମାଟିର ମାନକୁ ବଜାୟ ରଖିବା ନିମନ୍ତେ ଜଙ୍ଗଲ କ୍ଷୟକୁ ରୋକିବା, ମାଟି ପରୀକ୍ଷା କରି ଅନୁମୋଦିତ ହାରରେ ସାର ପ୍ରୟୋଗ କରିବା, ଜୈବିକ ସାରର ବହୁଳ ବ୍ୟବହାର, ମୃତ୍ତିକା ସଂରକ୍ଷଣ ଆଦି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଅତିଥିମାନେ ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଚାଷୀ ଭାଇଭଉଣୀ ମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କରାଯାଇଥିଲା ।

## ବିଂଶତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ




ରା.ଉଦୟଗିରିସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର, ଗଜପତିର ବିଂଶତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ ୧୮ ଡିସେମ୍ବର, ୨୦୨୪ ତାରିଖ ଦିନ କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି । କୃଷି ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟିର ଅଧକ୍ଷ ପ୍ରଫେସର ପ୍ରସନ୍ନଜିତ୍ ମିଶ୍ରଙ୍କ ତତ୍ତ୍ୱାବଧାନରେ କୃଷି ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟିର ଉପଯୁକ୍ତ ନିର୍ଦ୍ଦେଶକ ପ୍ରଫେସର ପି.କେ. ମହାନ୍ତି ସଭା କାର୍ଯ୍ୟ ଆରମ୍ଭ କରିଥିଲେ । କୃଷି ବୈଷୟିକ ପ୍ରୟୋଗ ପ୍ରତିଷ୍ଠାନ, କଲିକତାର ପ୍ରମୁଖ ବୈଜ୍ଞାନିକ ଡ. ଏସ୍.କେ. ମଣ୍ଡଳ ଅନଲାଇନ୍ ମାଧ୍ୟମରେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ଚଳିତ ବର୍ଷର ସମାପ୍ତ ଓ ଚାଲୁଥିବା ସମସ୍ତ କାର୍ଯ୍ୟକ୍ରମ ଓ ଆଗାମୀ ବର୍ଷର କାର୍ଯ୍ୟପନ୍ଥା ବିଷୟରେ ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ସଂଗ୍ରାମ ପରମଗୁରୁ ଉପସ୍ଥାପନା କରିଥିଲେ । ଆଞ୍ଚଳିକ ଗବେଷଣା ସଂସ୍ଥା, ଜି. ଉଦୟଗିରିର ସହକାରୀ ନିର୍ଦ୍ଦେଶକ, ଜିଲ୍ଲାର ସମସ୍ତ ବିଭାଗର ଅଧିକାରୀ ଏବଂ ନିକଟସ୍ଥ କୃଷି ବିଜ୍ଞାନ କେନ୍ଦ୍ର ଗଞ୍ଜାମ-୨ ଓ ରାୟଗଡାର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଓ ବୈଜ୍ଞାନିକମାନେ ଉପସ୍ଥିତ ରହି କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ ଥିବା ବିଭିନ୍ନ ସମସ୍ୟା, ବୈଷୟିକ ଜ୍ଞାନ କୌଶଳର ଆବଶ୍ୟକତା ଓ ଉପଲବ୍ଧ ସମ୍ବଳର ସୁବିନିଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ସମସ୍ତ ବୈଜ୍ଞାନିକ ଓ କର୍ମକର୍ତ୍ତା ବୃନ୍ଦ ଉପସ୍ଥିତ ରହି ବୈଠକକୁ ସୁଚାରୁରୂପେ ପରିଚାଳନା କରିଥିଲେ ।

## ଲଙ୍କା ଫସଲରେ ପଲିଥିନ୍ ଛାଦିକରଣର ଆଗୁଆ ଧାଡି କ୍ଷେତ୍ର ପ୍ରଦର୍ଶନ




ଚଳିତ ଖରିଫ୍ ଋତୁରେ ଲଙ୍କା ଫସଲରେ ପଲିଥିନ୍ ଦ୍ୱାରା ଛାଦିକରଣର ଆଗୁଆ ଧାଡି କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା । ଏହି କ୍ଷେତ୍ର ପ୍ରଦର୍ଶନରେ ସୁରେଇଖମାର ଏବଂ ଜଙ୍ଗ୍ ଜଙ୍ଗ୍ ଗ୍ରାମର ଚାଷୀ ଭାଇମାନଙ୍କୁ ଏକ ଏକର ଜମିରେ ଲଙ୍କା ଚାଷ କରି ଛାଦିକରଣ କରିବା ନିମନ୍ତେ ଲଙ୍କା ତଳି ଏବଂ ୫୦ ମାଇକ୍ରନ୍ ବିଶିଷ୍ଟ ପଲିଥିନ୍ ଜରି ଯୋଗାଇ ଦେଇ ଏହାର ବ୍ୟବାହାର ପ୍ରାଣାଳୀ ଏବଂ ଉପକାରିତା ସମ୍ବନ୍ଧରେ ତାଲିମ୍ ପ୍ରଦାନ କରାଯାଇଥିଲା । ଏହି କ୍ଷେତ୍ର ପ୍ରଦର୍ଶନ ଦ୍ୱାରା ଲଙ୍କା ଫସଲରେ ଘାସ ସମସ୍ୟା ଅନେକ ପରିମାଣରେ କମିଯାଇଥିଲା ଏବଂ ଚାଷୀ ଭାଇମାନେ ହେକ୍ଟର ପିଛା ୧୬୩.୭କ୍ୱିଣ୍ଟାଲ ଲଙ୍କା ଅମଳ ପାଇଥିଲେ ।

## ମଧ୍ୟମ ଧାନ କିସମର କ୍ଷେତ୍ର ପରୀକ୍ଷଣ




ଆଦିବାସୀବହୁଳ ପାହାଡିଆ ଗଜପତି ଜିଲ୍ଲାରେ ଚାଷୀ ଭାଇ ଓ ଭଉଣୀମାନେ ଖରିଫ୍ ଋତୁରେ ଧାନ ଚାଷ କରି ନିଜର ଭରଣପୋଷଣ କରନ୍ତି । ଚାଷୀମାନେ ମୁଖ୍ୟତଃ ବର୍ଷା ଜଳ ବିନିଯୋଗ କରି ଧାନ ଚାଷ କରନ୍ତି, ମାତ୍ର ବର୍ତ୍ତମାନ ସମୟରେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ବର୍ଷାର ପରିମାଣ କମିବା ଦ୍ୱାରା ଜଳାଭାବର ସମସ୍ୟା ଦେଖାଦେଇଛି । ଧାନ ଫସଲରେ ଗର୍ଭସଞ୍ଚାର ସମୟରେ ଜଳାଭାବ ଦେଖାଯାଉଛି ଯାହାଦ୍ୱାରା ଫସଲ ନଷ୍ଟ ହେବା ସହ ଅମଳ ମଧ୍ୟ ହ୍ରାସ ପାଉଛି । ଏସବୁକୁ ଦୃଷ୍ଟିରେ ରଖି ଚଳିତ ଖରିଫ୍ ଋତୁରେ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଜିଲ୍ଲାର ଅତରସିଙ୍ଗ ଓ ଜଙ୍ଗଜଙ୍ଗ୍ ଗ୍ରାମର ଚାଷୀ ଭାଇଭଉଣୀମାନଙ୍କୁ ମଧ୍ୟମ କିସମ ଧାନ ବିହନ କଳିଙ୍ଗ ଧାନ ୧୨୦୩, କଳିଙ୍ଗ ଧାନ ୧୨୦୪, କଳିଙ୍ଗ ଧାନ ୧୨୦୫ ଯୋଗାଇ ଦିଆଯାଇଥିଲା । ଏହା ସହିତ କ୍ଷେତ୍ର ଦିବସ ମାଧ୍ୟମରେ ବୈଜ୍ଞାନିକ ପ୍ରଣାଳୀରେ ଧାନଚାଷ ବିଷୟରେ ସମୟ ସମୟରେ ତାଲିମ୍ ପ୍ରଦାନ କରାଯାଇଥିଲା । ଏହି କ୍ଷେତ୍ର ପରୀକ୍ଷଣରେ କଳିଙ୍ଗ ଧାନ ୧୨୦୫ ଶୀଘ୍ର ପରିପକ୍ୱ ହେବା ସହ ହେକ୍ଟର ପିଛା ସବୁଠୁ ଅଧିକ ଅମଳ ୪୦.୯୨ କ୍ୱିଣ୍ଟାଲ ଧାନ ଅମଳ ହୋଇଥିଲା । ହେକ୍ଟର ପିଛା ଅନ୍ୟ ଦୁଇଟି କିସମ କଳିଙ୍ଗ ଧାନ ୧୨୦୩ କିସମରୁ ୩୯.୫୯ କ୍ୱିଣ୍ଟାଲ ଏବଂ କଳିଙ୍ଗ ଧାନ ୧୨୦୪ କିସମରୁ ୩୮.୪୫ କ୍ୱିଣ୍ଟାଲ ଧାନ ମିଳିଥିଲା ।

## ସପୁରୀ ଗଛରେ ସମନ୍ୱିତ ପ୍ରଣାଳୀରେ ଫସଲ ପରିଚାଳନାର କ୍ଷେତ୍ର ପରୀକ୍ଷଣ



ଜଙ୍ଗଲ ପରିବେଷ୍ଟିତ ଆଦିବାସୀ ବହୁଳ ଗଜପତି ଜିଲ୍ଲାରେ ପ୍ରାୟ ୬୦୦ ହେକ୍ଟର ଜମିରେ ସପୁରୀ ଚାଷ କରାଯାଇଥାଏ କିନ୍ତୁ ଚାଷୀ ଭାଇଭଉଣୀମାନଙ୍କ ମଧ୍ୟରେ ସଚେତନତା ଅଭାବରୁ ସପୁରୀ ଚାଷରୁ ଅମଳ କମ୍ ହୋଇଥାଏ ଏବଂ ଚାଷୀମାନେ ଉଚିତ ମୂଲ୍ୟ ପାଇପାରନ୍ତି ନାହିଁ । ତେଣୁ ଚଳିତ ବର୍ଷ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ସପୁରୀ ଗଛରେ ଦୁଇଗୋଟି ବୃଦ୍ଧି ନିୟନ୍ତ୍ରକ ପଦାର୍ଥ ଯଥା ନାପଥାଲିନ୍ ଏସିଟିକ୍ ଏସିଡ୍ ଏବଂ ଜିବରିଲିକ୍ ଏସିଡ୍ ଏବଂ ଦୁଇଗୋଟି ଅଣୁସାର ଯଥା ବୋରନ୍ ଏବଂ ଜିଙ୍କ୍ ପ୍ରୟୋଗ କରାଯାଇ କ୍ଷେତ୍ର ପରୀକ୍ଷଣ କରାଯାଇଥିଲା । ଏହା ସହିତ ପରିସଲ, ଗମାଙ୍ଗସାହି, ସିନିସିଙ୍ଗ୍ ଆଦି ଗ୍ରାମରେ ସପୁରୀ ଚାଷ ସମ୍ବନ୍ଧରେ ତାଲିମ୍ ପ୍ରଦାନ କରାଯାଇଥିଲା । ତେବେ ଏହି ପରୀକ୍ଷଣଟି ଏବେ ଚାଷୀ କ୍ଷେତ୍ରରେ ଚାଲୁ ରହିଛି । ଚାଷୀ ଭାଇମାନେ ସପୁରୀ ଅମଳ ପାଇଲା ପରେ ଏହାର ସଫଳତା ଜଣାପଡିବ ।



**ପ୍ରକାଶକ:** କୃଷି ବିଜ୍ଞାନ କେନ୍ଦ୍ର, ରା. ଉଦୟଗିରି, ଗଜପତି, **ମୁଖ୍ୟ ସମ୍ପାଦକ :** ଡଃ ସଂଗ୍ରାମ ପରମଗୁରୁ (ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ)
**ସମ୍ପାଦକ ମଣ୍ଡଳୀ:** ଡ. ସୁଶ୍ରୀ ଚୌଧୁରୀ (ବୈଜ୍ଞାନିକ ଉଦ୍ୟାନ ବିଜ୍ଞାନ), ଡ. ସଂଜୀବ କୁମାର ମାଣ୍ଡି (ବିଷୟ ବସ୍ତୁ ବିଶେଷଜ୍ଞ, କ୍ଷେତ୍ର ବିଜ୍ଞାନ), ଶ୍ରୀ ଜୟଶଙ୍କର ପ୍ରଧାନ (ବିଷୟ ବସ୍ତୁ ବିଶେଷଜ୍ଞ, କୃଷି ପାଣିପାଗ), ଶ୍ରୀ ଜାନୁଆରିୟସ୍ କୁଜୁର (ବିଷୟ ବସ୍ତୁ ବିଶେଷଜ୍ଞ, କୃଷି ଇଞ୍ଜିନିୟରିଂ), ଶ୍ରୀ ମନୋଜ କୁମାର ସାହୁ (କାର୍ଯ୍ୟକ୍ରମ ସହାୟକ, କମ୍ପ୍ୟୁଟର), ଓ.ୟୁ.ଏ.ଟି ପ୍ରକାଶନ ସଂଖ୍ୟା: ୨୦୨୫୦୧୦୪୧୬, ଯୋଗାଯୋଗ: କୃଷି ବିଜ୍ଞାନ କେନ୍ଦ୍ର, ରା. ଉଦୟଗିରି, ଗଜପତି-୭୬୧୦୧୬, Email : kvkgajapati.ouat@gmail.com, kvk.gajapati@ouat.ac.in.